Sample Question Paper – 7

# CLASS-X

# ଓଡ଼ିଆ

# ODIA (013)

# YEAR-2020-21

ସମୟ : ୩ ଘଣ୍ଟା
*Time allowed : 3 hours*

ପୂର୍ଣ୍ଣସଂଖ୍ୟା : ୮୦
*Maximum Marks : 80*

ସାଧାରଣ ନିର୍ଦ୍ଦେଶାବଳୀ :

ନିମ୍ନଲିଖିତ ନିର୍ଦ୍ଦେଶଗୁଡିକ ସାବଧାନ ସହକାରେ ପଢି ପାଳନ କର ।

- ଏହି ପ୍ରଶ୍ନ ପତ୍ରରେ ଦୁଇଟି ବିଭାଗ ରହିଛି । 'କ' ବିଭାଗ ଓ 'ଖ' ବିଭାଗ
- 'କ' ବିଭାଗ ରେ ବସ୍ତୁନିଷ୍ଠ ପ୍ରଶ୍ନ ପଚରା ଯାଇଛି ।
- 'କ' ବିଭାଗ ରେ ସମୁଦାୟ ୫୩ଟି ବହୁ ବୈକଳ୍ପିକ/ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ ପଚରାଯାଇଛି । ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରି କେବଳ ୪୦ଟି ପ୍ରଶ୍ନର ଉତ୍ତର ଦେବ ।
- 'କ' ବିଭାଗରେ ଥିବା ବହୁ ବିକଳ୍ପ ମଧ୍ୟରୁ ଠିକ ଉତ୍ତରକୁ କେବଳ ନୀଳ କାଳି ଥିବା ଡଟ୍ କଲମରେ ପୂରଣ କର ।
- ଓ.ଏମ.ଆର୍ ପତ୍ରିକାର ଗୋଲ୍ ଚିହ୍ନକୁ ଭଲ ଭାବରେ ପୂରଣ କର ।
- 'ଖ' ବିଭାଗରେ ବର୍ଣ୍ଣନାତ୍ମକ / ଲିଖନ ମୂଳକ ପ୍ରଶ୍ନ ପଚରାଯାଇଛି ।
- 'ଖ' ବିଭାଗରେ ସମୁଦାୟ ୧୯ଟି ପ୍ରଶ୍ନ ପଚରାଯାଇଛି । ଏଠାରେ ବୈକଳ୍ପିକ ପ୍ରଶ୍ନ ମଧ୍ୟ ପଚରାଯାଇଛି । ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରି କେବଳ ୧୦ଟି ପ୍ରଶ୍ନର ଉତ୍ତର ଦେବ ।

## 'କ' ବିଭାଗ

## ବହୁ ବୈକଳ୍ପିକ / ନିର୍ଦ୍ଦିଷ୍ଟ ଉତ୍ତର ମୂଳକ ପ୍ରଶ୍ନ

1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 1 x 5=5

ଜଗତୀକରଣ ପ୍ରକ୍ରିୟା ସ୍ୱାବଲମ୍ବୀ ଭାରତୀୟ ମାନଙ୍କ ଜୀବନଚର୍ଯ୍ୟାରେ ଯେଉଁ ପରିବର୍ତ୍ତନ ଆଣିଲା, ତାହା ହିଁ ଆଜି ଦେଶ ପାଇଁ ଚରମ ବିପତ୍ତିର କାରଣ ପାଲଟିଛି। ମାତ୍ର କେତେବର୍ଷ ଭିତରେ ଚାଇନା ପ୍ରସ୍ତୁତ ସବୁ ଦ୍ରବ୍ୟ ଆମ ଦୈନନ୍ଦିନ ଜୀବନଧାରାର ଅପରିହାର୍ଯ୍ୟ ଅଂଗ ହୋଇଯାଇଛି । ଏହା ଘୋର ଲଜ୍ଜାର ବିଷୟ । ପରିସଂଖ୍ୟାନରୁ ଜଣାପଡିଛି ସାଢେ ପାଞ୍ଚଲକ୍ଷ କୋଟି ଟଙ୍କାର ବୈଦେଶିକ ମୁଦ୍ରା ପ୍ରତିବର୍ଷ ଆମେ ଚାଇନା ହାତକୁ ଟେକି ଦେଉଛେ । ଦୁଃଖ ଓ କ୍ଷୋଭର ସହିତ କୁହାଯାଇପାରେ ଶହେ ତିରିଶକୋଟି ଲୋକ ଥାଉ ଥାଉ ଆମେ ତା'ର ହାତଟେକାକୁ ଚାହିଁ ରହିବା କେତେଦୂର ସ୍ପୃହଣୀୟ ? ଦେଶରେ ସାଧନ ଅଛି । ଶକ୍ତି ଅଛି । ତାକୁ ଉପଯୋଗ ନ କରି ଶତ୍ରୁକୁ ଧନୀ

କରିବା ଓ ସେଇ ଆମ ଦେଶର ଅର୍ଥକୁ ଶତ୍ରୁ ଆମ ବିରୁଦ୍ଧରେ ବିନିଯୋଗ କରିବା କଥାଟା କ'ଣ ଆମେ ଭାରତୀୟମାନେ ଏ ପର୍ଯ୍ୟନ୍ତ ବୁଝିପାରିନାହେଁ? ନିକଟରେ ସରକାର ଚାଇନା ପ୍ରସ୍ତୁତ କେତେକ ଅନ୍‌ଲାଇନ୍ ସେବାକୁ ରଦ୍ଦ କରିଛନ୍ତି; କିନ୍ତୁ ଏତିକି ଯଥେଷ୍ଟ ନୁହେଁ। ଆମ ଦେଶର ପ୍ରତ୍ୟେକ ନାଗରିକ ଯଦି ଶପଥ କରନ୍ତେ ଯେ, ଚାଇନା ପ୍ରସ୍ତୁତ କୌଣସି ପଦାର୍ଥକୁ ଆମେ ବ୍ୟବହାର କରିବୁ ନାହିଁ, ଆମେ ସ୍ୱଦେଶୀ ହେବୁ, ତେବେ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ସାକାର ହୁଅନ୍ତା । ଶୁଦ୍ଧ ଅନ୍ତଃକରଣରେ ଆମର ଏ ସଂକଳ୍ପ ହୁଅନ୍ତା ଆମ ଦେଶପ୍ରୀତିର ପରିଚୟ ।

**ପ୍ରଶ୍ନାବଳୀ:**

କ) ଦେଶ ପାଇଁ ଚରମ ବିପତ୍ତିର କାରଣ ବୋଲି କାହାକୁ ମନେ କରାଯାଇଛି ?

(i) ଅର୍ଥନୈତିକ ପ୍ରକ୍ରିୟା

(ii) ପାଶ୍ଚାତ୍ୟ ଚିନ୍ତାଧାରା

(iii) ଜଗତୀକରଣ

(iv) ପ୍ରାକୃତିକ ବିପର୍ଯ୍ୟୟ

ଖ) ଭାରତୀୟ ମାନଙ୍କ ଜୀବନ ଚର୍ଯ୍ୟା କିପରି ?

(i) ପରାବଲମ୍ବୀ

(ii) ସ୍ୱାବଲମ୍ବୀ

(iii) ନିର୍ଭରଶୀଳ

(iv) ସ୍ୱାଭିମାନୀ

ଗ) କେଉଁ ଦେଶର ସାମଗ୍ରୀ ଆମ ଦୈନନ୍ଦିନ ଜୀବନଧାରାର ଅଂଗ ପାଲଟି ଯାଇଛି ?

(i) ଆମେରିକା

(ii) ଜର୍ମାନୀ

(iii) ଇଟାଲୀ

(iv) ଚାଇନା

ଘ) ଦେଶ-ଦେଶ ମଧ୍ୟରେ ବ୍ୟବସାୟ କ୍ଷେତ୍ରରେ ଯେଉଁ ମୁଦ୍ରା ବିନିମୟ ହୁଏ ତାହାକୁ କ'ଣ କୁହାଯାଏ ?

(i) ସ୍ୱଦେଶୀ ମୁଦ୍ରା

(ii) ଜାତୀୟ ମୁଦ୍ରା

(iii) ବୈଦେଶିକ ମୁଦ୍ରା

(iv) ବିନିମୟ ମୁଦ୍ରା

ଙ) ଭାରତବର୍ଷରେ ହାରାହାରି କେତେ ଲୋକ ବାସ କରନ୍ତି ?

(i) ଶହେ ତିରିଶ କୋଟି ଲୋକ

(ii) ଶହେ କୋଡିଏ କୋଟି ଲୋକ

(iii) ଶହେ କୋଟି ଲୋକ

(iv) ଶହେ ଚାଳିଶି କୋଟି ଲୋକ

ଚ) ଆମ ଦେଶରେ କ'ଣ ଅଛି ?

(i) ସମ୍ବଳ ଓ ଜ୍ଞାନ

(ii) ସାଧନ ଓ ଶକ୍ତି

(iii) ଶକ୍ତି ଓ ଜ୍ଞାନ

(iv) ଆଧ୍ୟାତ୍ମିକ ଶକ୍ତି ଓ ସାମର୍ଥ୍ୟ

ଛ) ଆମ ଦେଶର ପ୍ରତ୍ୟେକ ନାଗରିକ କ'ଣ ଶପଥ କରିବା ଉଚିତ୍ ?

(i) ବିଦେଶୀ ସାମଗ୍ରୀକୁ ଘୃଣା କରିବା

(ii) ବିଦେଶୀ ସାମଗ୍ରୀକୁ ଅଧିକ ମାତ୍ରାରେ ବ୍ୟବହାର କରିବା

(iii) ସ୍ୱାବଲମ୍ବୀ ଓ ଦେଶପ୍ରେମୀ ହେବା

(iv) ବାହାର ପ୍ରସ୍ତୁତ କୌଣସି ଦ୍ରବ୍ୟକୁ ବ୍ୟବହାର ନ କରି, ସ୍ୱଦେଶୀ ଓ ଆତ୍ମନିର୍ଭରଶୀଳ ହେବା ।

କିମ୍ବା

ଅନ୍ତର୍ନିହିତ ସଂବେଦନଶୀଳ ଅନୁଭୂତିମାନଙ୍କୁ, ସଂଗୁପ୍ତ ଆବେଗ ସବୁକୁ ଶବ୍ଦ ନିହାଣରେ ଖୋଦେଇ ସର୍ବସାଧାରଣଙ୍କ ଲାଗି ବିମୁକ୍ତ କରିଦେବା ସ୍ଥାପତ୍ୟ ହେଉଛି କବିତା । କେତେବେଳେ ତାହା ଇଚ୍ଛାକୃତ ତ' କେତେବେଳେ ଆବେଗ ପ୍ରେରିତ ହୋଇଥାଏ । ସବୁ ଅଙ୍ଗେ ନିଭା ନ ହୋଇ କିଛି କଳ୍ପନା ପ୍ରବଣ ବି ହୋଇଥାଏ । ଯାହା ଦେଲେ ମଧ୍ୟ କବିର ମନମୁକୁରରେ ପ୍ରତିବିମ୍ବିତ ହେବା ଛାଇ ତ ! ତେଣୁ କବିତା ସୃଷ୍ଟି ସବୁବେଳେ କବିର ଏକାନ୍ତ ବ୍ୟକ୍ତିଗତ ଉଲ୍ଲାସ । ମନ ପାରାବାରରେ ଉଦ୍‌ବେଳିତ ଭାବନା ଓ କଳ୍ପନା ତରଙ୍ଗମାନ ଯାକିଯୁକି ହୋଇ ରହି ନ ପାରି ପକ୍ଷ ମେଲିଦେଲେ ତାହା କାଗଜ ଆକାଶରେ ତାରାଫୁଲ ହୋଇ ବିଛେଇ ପଡ଼ନ୍ତି । ଜଳପ୍ରପାତର ତୀବ୍ରତାରେ ଖସି ପଡ଼ନ୍ତି ତଳକୁ । ସେହିଁ ବନିଯାଏ କବିତା ଚିତ୍ର । ସୁନ୍ଦର ଝିଅଟିର ଡ଼େଣାରେ ଅନୁରୂପ ପକ୍ଷ ଦୁଇଟି ଖଞ୍ଜିଦେଲେ ସେ ପରୀଟିଏ, ହୋଇଯାଏ । ସେପରି ଯେଉଁ ବାସ୍ତବତା କଳ୍ପନା ଜ୍ୱରାକ୍ରାନ୍ତ ହୁଏ ତାହା କବିତା ବନିଯାଏ । ସେହି ଜ୍ୱରର ତାପମାତ୍ରା କଳିବାକୁ ହେଲେ ଦରକାର ସେହିଭଳି ଏକ ଦରଦପୀଡ଼ିତ ମନର ଥର୍ମୋମିଟର । ଯାହାର ମନ ଯେତେ କୋମଳ ଏବଂ ବାହ୍ୟ ତଥା ଆଭ୍ୟନ୍ତରୀଣ ଘାତପ୍ରତିଘାତରୁ ବଞ୍ଚିତ, କବିତା-ପୀଡ଼ା ଉପଲବ୍ଧି ତା' ଠାରେ ସେତେ ଗଭୀର, ତୀବ୍ର, କବିତା ରଚନା ଏକ ତପସ୍ୟା । ଏକ ହଠଯୋଗ ସାଧନା । ଶାମୁକା ଗର୍ଭରେ ପତିତ ସବୁ ବର୍ଷାବିନ୍ଦୁ ମୁକ୍ତା ହୋଇ ନ ପାରେ । କେବଳ ସ୍ୱାତୀ ନକ୍ଷତ୍ରରେ ପଡ଼ିବା ବର୍ଷାବିନ୍ଦୁଟି ମୁକ୍ତା ବନିଲାପରି କବିର କଲମରୁ ମଧ୍ୟ ଏକ ଅଲୌକିକ ମଙ୍ଗଳ ମୁହୂର୍ତ୍ତରେ ଜନ୍ମ ନେଇଥାଏ କାଳଜୟୀ କବିତାଟିଏ ।

କ) କବିତା କାହାକୁ କୁହାଯାଏ ?

(i) ହୃଦୟର ସଂଗୁପ୍ତ ବେଦନାକୁ

(ii) ଅନ୍ତର୍ନିହିତ ସଂବେଦନଶୀଳ ଅନୁଭୂତି ଓ ସଂଗୁପ୍ତ ଆବେଗକୁ ଶବ୍ଦ ନିହାଣରେ ଖୋଦେଇ କରିବାର ସ୍ଥାପତ୍ୟ

(iii)ଶବ୍ଦ ନିହାଣରେ ଖୋଦେଇ କରି ନିଜ ପାଇଁ ସାଇତି ରଖିବା

(iv) ପ୍ରକଟିତ ଅନୁଭୂତ ଗୁଡ଼ିକୁ ପ୍ରକାଶ କରିବ

ଖ) କବିତାର ଭାବ କିପରି ?

(i) କଳ୍ପନା ପ୍ରଚୋଦିତ

(ii) ସଚେତନତା ଧର୍ମୀ

(iii)ସ୍ୱପ୍ନ ଏବଂ କଳ୍ପନା ଆଧାରିତ

(iv) ଉଚ୍ଛାକୃତ ଆବେଗ ପ୍ରେରିତ ଏବଂ କଳ୍ପନା ପ୍ରଣୋଦିତ

ଗ) କବିତା କବିର ମନ ମୁକୁରରେ କିଭଳି ପ୍ରତିଫଳିତ ହୋଇଥାଏ ?

(i) ଛାଇଭଳି

(ii) ଆଲୋକଭଳି

(iii)ସ୍ୱପ୍ନଭଳି

(iv) ତାରାଭଳି

ଘ) ମନ ପାରାବାରରେ ତରଙ୍ଗମାନି ପକ୍ଷମେଲି କାହାପରି ବିଚ୍ଛେଇ ହୋଇପଡ଼ନ୍ତି ?

(i) ଆକାଶରେ ଜହ୍ନ ଭଳି

(ii) ଉଆଁସ ରାତିର ଅନ୍ଧକାର ଭଳି

(iii)ତରଙ୍ଗାୟିତ ଢ଼େଉ ଭଳି

(iv) କାଗଜ ଆକାଶରେ ତାରାଫୁଲ ଭଳି

ଙ) କଳ୍ପନା ଜ୍ୱରର ତାପମାତ୍ରା ଜାଣିବାକୁ ହେଲେ କାହାର ଆବଶ୍ୟକତା ପଡ଼େ ?

(i) ଦରଦ ପୀଡ଼ିତ ମନର ଥର୍ମୋମିଟର

(ii) ଦରଦ ପୀଡ଼ିତ ମନର ହ୍ରିଡ୍ରୋମିଟର

(iii)ଦରଦ ପୀଡ଼ିତ ମନର ଭୋଲଟମିଟର

(iv) କେଉଁଟିବି ନୁହେଁ

ଚ) କବିତା ରଚନା କବିପାଇଁ କଣ ହୋଇପାରେ ?

(i) ସଂଗୁପ୍ତ ଚେତନା

(ii) ସଚେତନତା

(iii)ତପସ୍ୟା ଏବଂ ହଠଯୋଗ ସାଧନା

(iv) ଜୀବନଧର୍ମୀ

ଛ) କେଉଁ ନକ୍ଷତ୍ରରେ ବର୍ଷା ବିନ୍ଦୁଟି ପଡ଼ିଲେ ତାହା ମୁକ୍ତା ଭଳି ଟିକ୍‌ଟିକ୍ କରେ ?

(i) ମୃଗଶିରା ନକ୍ଷତ୍ର

(ii) ସ୍ୱାତୀ ନକ୍ଷତ୍ର

(iii)କୃତ୍ତିକା ନକ୍ଷତ୍ର

(iv) ଅଶ୍ୱିନୀ ନକ୍ଷତ୍ର

2. ନିମ୍ନ ପଦ୍ୟାଂଶଟି ପଢ଼ି ଯେକୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ । 1x5 = 5

ମୁନି-ମୁଖ ବେଦ-ସ୍ୱନ ପୂର୍ଣ୍ଣକଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାରେ
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି,
ବିହିଲା କି ସରସ୍ୱତୀ ବୀଣାଝଙ୍କାର;
ବେଳୁଁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ରବଳେ ଯେହ୍ନେ ବଢ଼ି ଆସିଲା ବଳ ।
ଏ କାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ

ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ, "ଉଠ ବୈଦେହି, ଉଷା ସୁକୁମାର ଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅନାଇ
କୋଳକରି ଥରେ ସୁଖ ଲଭିବା ପାଇଁ।''
ପଦ୍ମିନୀ-ହୃଦ-ଶିଶିର-ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ-ମୂରତି
ଶୋକ ଜର୍ଜରିତ ଚିତ୍ତ - ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ,
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ।

କ) ଉକ୍ତ କବିତାଂଶଟି କେଉଁକାବ୍ୟର ଅଂଶ ବିଶେଷ ?

(i) ପ୍ରଣୟବଲ୍ଲରୀ

(ii) ଇନ୍ଦୁମତୀ

(iii)କୀଚକ ବଧ

(iv) ତପସ୍ୱିନୀ

ଖ) ମୁନିମୁଖ ବେଦ ସ୍ୱନକୁ କବି କାହା ସହିତ ତୁଳନା କରିଛନ୍ତି ?

(i) ଅନନ୍ତଙ୍କ ଫୁତ୍କାର

(ii) ଶ୍ୟାମ ବନଭୂମିରେ ପ୍ରବାହିତ ସମୀର

(iii)ସରସ୍ୱତୀଙ୍କ ବୀଣା ଝଙ୍କାର

(iv) ମନ୍ଦବଳରେ ବଢ଼ିଯାଉଥିବା ବଳ

ଗ) ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ?

(i) ବିଶେଷ ଦେହଧାରଣୀ କନ୍ୟା

(ii) ବିଦେହର କନ୍ୟା

(iii)ଦେହହୀନା କନ୍ୟା

(iv) ବିଦେଶିନୀ କନ୍ୟା

ଘ) "ତମସା ରହିଛି ଅନାଇ'' – ଏଠାରେ ତମସା କାହାକୁ ଅପେକ୍ଷା କରି ରହିଥିବା କଥା କୁହାଯାଇଛି ?

(i) ଜନକ ନନ୍ଦିନୀ

(ii) ଅନୁକମ୍ପା

(iii)ଉଷା

(iv) ବାଲ୍ମୀକି

ଙ) ସୀତାଙ୍କ ହୃଦୟରେ କାହାର ଚିତ୍ର ପ୍ରତିଫଳିତ ହେଲା ?

(i) ସୂର୍ଯ୍ୟଙ୍କର

(ii) ରାମଙ୍କର

(iii)ପଦ୍ମର

(iv) ଉଷାଙ୍କର

ଚ) ଅନୁକମ୍ପା କିଏ ?

(i) ଯୋଗେଶ୍ୱରୀ

(ii) ଆଶ୍ରମର ଜଣେ ବ୍ରହ୍ମଚାରିଣୀ

(iii)ସୁକୁମାର ଦେହୀ ଉଷା

(iv) ଆଶ୍ରମ ନିକଟସ୍ଥ ନଦୀ

ଛ) ଓଁକାର ଧ୍ୱନି କେଉଁମାନଙ୍କୁ ତୃପ୍ତି ପ୍ରଦାନ କଲା ?

(i) ବୈକୁଣ୍ଠର ଅଧିବାସୀଙ୍କୁ

(ii) ନାଗଲୋକ

(iii)ସ୍ୱର୍ଗମଣ୍ଡଳ

(iv) ଭୂଲୋକ

କିମ୍ବା

ନିମ୍ନ ପଠିତ ପଦ୍ୟାଂଶଟିକୁ ପଢ଼ି ଯେ କୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ ।

ମରୁ ପଥେ ପଥେ ନିର୍ଝର ସୃଜି
ଯାତ୍ରା କର ହେ କର,
ସ୍ପନ୍ଦନ ବହି ଅନ୍ତରେ କୋଟି
ପ୍ରଦୀପ ଉଚ୍ଚେ ଧର ।
ଶଙ୍କିତ ହେଉ କଂପିତ ପ୍ରାଣେ
ଚନ୍ଦ୍ର ତପନ ତାରା ।୩।
ସନ୍ଧାନୀ ତବ ସନ୍ଧାନ ପଥେ
କଂଟକ ଟେକେ ଶିର,
ସମ୍ମୁଖେ ତବ କୁହେଳି ରଚଇ
ମୋହ ମମତାର ନୀର ।
ଭିନ୍ନ କରି ସେ ତନ୍ଦ୍ରା-ପରଶ
ହସାଅ ଭୁବନ ସାରା ।୪।
ଚିରି ଅତୀତର ଜୀର୍ଣ୍ଣ ଜୀବନ
ଜାଗ ଆହେ ଭବିଷ୍ୟତ,
ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ
ପୀଡ଼ନର ପରବତ ।
ଭାଙ୍ଗି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା,

ଜାଗ ବନ୍ଧନହରା ।୫।

କ) କେଉଁ ପଥରେ ଯାତ୍ରା କରିବା ପାଇଁ କବି ଆହ୍ୱାନ ହେଉଛନ୍ତି ?

(i) ଗିରିପଥ

(ii) ମରୁପଥ

(iii)ଜଳପଥ

(iv) ବନ୍ଧୁରପଥ

ଖ)କ'ଣ ଭାଙ୍ଗିଯାଉ ବୋଲି କବି କାମନା କରିଛନ୍ତି ?

(i) କାରାଗାର

(ii) ଅର୍ଗଳ

(iii)ତନ୍ଦ୍ରା

(iv) ନିଦ୍ରା

ଗ) ତନ୍ଦ୍ରା ପରଶରୁ ମୁକ୍ତ ହେଲେ କିଏ ହସି ଉଠିବ ?

(i) ଭୁବନ

(ii) ଗଗନ

(iii)ପବନ

(iv) ଜୀବନ

ଘ) କାହାକୁ ଉଚ୍ଚରେ ଧରିବା ପାଇଁ କବି ପରାମର୍ଶ ଦେଇଛନ୍ତି ?

(i) ସ୍ପନ୍ଦନ

(ii) ତପନ

(iii)ପ୍ରଦୀପ

(iv) ଜୀବନ

ଙ) କେଉଁମାନଙ୍କୁ ଜାଗ୍ରତ ହେବା ପାଇଁ କବି କହିଛନ୍ତି ?

(i) ବୃଦ୍ଧ

(ii) ବାଳକ

(iii)ତରୁଣ

(iv) ଶିଶୁ

ଚ) ସ୍ୟନ୍ଦନ କହିଲେ କ'ଣ ବୁଝାଯାଏ ?

(i) ରଥ

(ii) ସ୍ପନ୍ଦନ

(iii)ଜୀବନ

(iv) ଯାନ

ଛ) ଅତୀତର କେଉଁ ଜୀବନ ଚିରିବା କଥା କୁହାଯାଇଛି ?

(i) ମୋହ

(ii) ମମତା

(iii)କୁହେଳି

(iv) ଜୀର୍ଣ୍ଣ

3. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତର ବାଛି ଲେଖ । (ଯେ କୌଣସି ପାଞ୍ଚଟି)

1 x 5 = 5

କ) ପଲ୍ଲୀର କର୍ମଯୋଜନାରେ ଅଂଶଗ୍ରହଣ କରିବା ପାଇଁ । ପ୍ରାବନ୍ଧିକଙ୍କ ନିକଟରେ କେଉଁ ଶକ୍ତିର ଅଭାବ ନଥିଲା ?

(i) ଭୌତିକ ଶକ୍ତି

(ii) ମାନସିକ ଶକ୍ତି

(iii)ନୈତିକ ଶକ୍ତି

(iv) ଦୈବୀଶକ୍ତି

ଖ) ଜୀବବିଜ୍ଞାନ ଚର୍ଚ୍ଚାରୁ କାହାର ସନ୍ଧାନ ମିଳିଥାଏ ?

(i) ପୃଥିବୀ ଗଠନ ବିଷୟରେ

(ii) ଶିକ୍ଷାର ପ୍ରସାର ବିଷୟରେ

(iii)ବିଭିନ୍ନ ବିଭାଗ ବିଷୟରେ

(iv) ପ୍ରାଣୀର ବିଭିନ୍ନ ଗ୍ଠନ ପ୍ରକ୍ରିୟା

ଗ) ସନ୍ନ୍ୟାସୀର ଯଥାର୍ଥ ବ୍ରତ କଣ ବୋଲି ବିବେକାନନ୍ଦ ଠିକ୍ କରିଥିଲେ ?

(i) ଗୁରୁସେବା

(ii) ତୀର୍ଥଭ୍ରମଣ

(iii)ଈଶ୍ୱର ଆରଧନା

(iv) ଦରିଦ୍ର ନାରାୟଣଙ୍କ ସେବା

ଘ) ଆମ ଦେଶରେ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ କାହିଁକି ?

(i) ଅଶିକ୍ଷିତ ହୋଇଥିବାରୁ

(ii) ଜ୍ଞାନ ଭଣ୍ଡାରଟା ହିନ୍ଦୀରେ ଥିବାରୁ

(iii)ଜ୍ଞାନ ଭଣ୍ଡାରଟା ଇଂରାଜୀରେ ଥିବାରୁ

(iv) ଇଂରାଜୀ ଭାଷା ଶିକ୍ଷା କରିଥିବାରୁ

ଙ) ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(i) ଉତ୍କଳ ସାହିତ୍ୟ

(ii) ଉତ୍କଳ ପ୍ରଭା

(iii)ଉତ୍କଳ ଦର୍ପଣ

(iv) ଉତ୍କଳ ଦୀପିକା

ଚ) ବେକାର ଯୁବଗୋଷ୍ଠୀ ପୁଷ୍ପିତ ପଳାଶବନରେ କଣ ଦେଖନ୍ତି ?

(i) ଆହ୍ୱାନର ଉକ୍ତି

(ii) ଅନାଗତ ଯୁଗର ରକ୍ତକେତନ

(iii)ବିଦ୍ରୋହର ବହ୍ନି

(iv) ଲାଲ ଝଣ୍ଡା

ଛ) ଭାରତୀୟ ସଭ୍ୟତାର ଆଦର୍ଶ କହିଲେ କଣ ବୁଝ ?

(i) ପ୍ରତାରଣା

(ii) ସଂସ୍କୃତି ସଂପନ୍ନ

(iii)ତ୍ୟାଗ ଓ ଆତ୍ମସଂଯମ

(iv) ତ୍ୟାଗ ଓ ଭୋଗମାର୍ଗ

4. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 1X5=5

କ) କବି ଚେତନାଗର୍ଭା ବୋଲି କାହାକୁ କହିଛନ୍ତି ?

(i) ମାଟି ମାଆକୁ (ii) ଗୁରୁଙ୍କୁ (iii) ଜନନୀକୁ (iv) ସମୁଦ୍ରକୁ

ଖ) 'ଜାଗ ବନ୍ଧନହରା' କବିତାଟି କେଉଁଠାରେ ପ୍ରାରମ୍ଭିକ ସଙ୍ଗୀତ ରୂପେ ଗାନ କରାଯାଇଥିଲା ?

(i) ଉତ୍କଳ ସମ୍ମିଳନୀରେ

(ii) ଭାଷା ସୁରକ୍ଷା ଆନ୍ଦୋଳନ ସଭାରେ

(iii) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରଥମ ଅଧିବେଶନରେ

(iv) ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନରେ

ଗ) କିଏ ସତୀ ସୀତାଙ୍କୁ 'ସତ୍ୟ ରାଜ୍ୟ ରାଣୀ' ବୋଲି ସମ୍ବୋଧନ କରିଛନ୍ତି ?

(i) କଳିଙ୍ଗ (ii) କଳକଣ୍ଠ (iii) ସମୀର (iv) ଭ୍ରମର

(ଘ) ଅଶ୍ୱତ୍ଥାମା ଦ୍ରୌପଦୀଙ୍କ ପାଞ୍ଚପୁତ୍ରଙ୍କ ସହ ଆଉ କାହାର ମୁଣ୍ଡ କାଟି କି ଆଣିଥିଲା ?

(i) ଅର୍ଜୁନ (ii) ସାତ୍ୟକୀ (iii) ଦୁର୍ଦ୍ଦକ୍ଷ (iv)ଧୃଷ୍ଟଦ୍ୟୁମ୍ନ

(ଙ) 'ଜାଗବନ୍ଧନହରା' କବିତାରେ କାହାର ଜୟଗାନ କରାଯାଇଛି ?

(i) ବ୍ୟକ୍ତିବାଦ (ii)ଜାତିବାଦ (iii) ସାମନ୍ତବାଦ (iv) ମାନବବାଦ

(ଚ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

(i) ବେଙ୍ଗ (ii) ସନ୍ଧ୍ୟା (iii) ଝିଙ୍କାରି (iv) ଚନ୍ଦ୍ର

(ଛ) 'ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ' – କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(i) କବିସମ୍ରାଟ ଉପେନ୍ଦ୍ର ଭଞ୍ଜ (ii) କବିସୂର୍ଯ୍ୟ ବଳଦେବ ରଥ

(iii) ସ୍ୱଭାବ କବି ଗଙ୍ଗାଧର ମେହେର (iv) କବିବର ରାଧାନାଥ ରାୟ

5. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତର ବାଛି ଲେଖ । (ଯେକୌଣସି ପାଞ୍ଚଟି) 1x5=5

କ) କୃଷକଟି ଚାଷ କାମ ସାରି ଘରକୁ ଫେରିଲା । (ଯୌଗିକ)

(i) ଯେତେବେଳେ କୃଷକଟି ଚାଷକାମ ସାରିଲା, ସେତେବେଳେ ଘରକୁ ଫେରିଲା ।

(ii) କୃଷକଟି ଚାଷକାମ ସାରିଲା ଓ ଘରକୁ ଫେରିଲା ।

(iii) କୃଷକଟି ଚାଷକାର୍ଯ୍ୟ ସାରିବା ପରେ ପରେ ଘରକୁ ଫେରିଲା ।

(iv) ଯଦି କୃଷକଟି ଚାଷକାର୍ଯ୍ୟ ସାରିବ, ତେବେ ଘରକୁ ଫେରିବ ।

ଖ) ଗୀତା ଓ ସୀତା ଢେଙ୍କାନାଳ ଗଲେ ଓ ମେଳା ବୁଲି ଦେଖିଲେ । (ସରଳ)

(i) ଗୀତା ଓ ସୀତା ଯେତେବେଳେ ଢେଙ୍କାନାଳ ଗଲେ, ସେତେବେଳେ ମେଳା ଦେଖିଲେ ।

(ii) ଗୀତା, ସୀତା ଢେଙ୍କାନାଳ ଗଲେ ଓ ମେଳା ଦେଖିଲେ ।

(iii) ଯଦି ଗୀତା ଓ ସୀତା ଢେଙ୍କାନାଳ ଯିବେ, ତେବେ ମେଳା ଦେଖିବେ ।

(iv) ଗୀତା ଓ ସୀତା ଢେଙ୍କାନାଳ ଯାଇ ମେଳା ବୁଲି ଦେଖିଲେ ।

ଗ) ଭୁବନେଶ୍ୱର ବେହେରାଙ୍କ ପ୍ରବନ୍ଧଗୁଡ଼ିକ ସହଜ, ସରଳ ଓ ଯୁକ୍ତିନିଷ୍ଠ । (ଜଟିଳ)

(i) ଭୁବନେଶ୍ୱର ବେହେରା ଯେଉଁ ପ୍ରବନ୍ଧ ଲେଖିଛନ୍ତି ତାହା ସହଜ, ସରଳ ଓ ଯୁକ୍ତିନିଷ୍ଠ ।

(ii) ଭୁବନେଶ୍ୱର ବେହେରା ଯେଉଁ ପ୍ରବନ୍ଧ ଗୁଡ଼ିକ ରଚନା କରିଛନ୍ତି, ସେଗୁଡ଼ିକ ସହଜ, ସରଳ ଓ ଯୁକ୍ତିନିଷ୍ଠ ।

(iii) ଭୁବନେଶ୍ୱର ବେହେରାଙ୍କ ପ୍ରବନ୍ଧଗୁଡ଼ିକ ସହଜ, ସରଳ କିନ୍ତୁ ଯୁକ୍ତିନିଷ୍ଠ ।

(iv) ଭୁବନେଶ୍ୱର ବେହେରା ଅନେକ ପ୍ରବନ୍ଧ ରଚନା କରିଛନ୍ତି ମାତ୍ର ସେଗୁଡ଼ିକ ସହଜ, ସରଳ ଓ ଯୁକ୍ତିନିଷ୍ଠ ଅଟେ ।

ଘ) ଯାହାର ମଧୁମେହ ରୋଗ, ସେ ମିଠା ଖାଇବା ଉଚିତ୍ ନୁହେଁ । (ସରଳ)

(i) ମଧୁମେହ ରୋଗୀ ମିଠା ଖାଇବା ଉଚିତ୍ ନୁହେଁ ।

(ii) ମଧୁମେହ ରୋଗ ହେଲା ତେଣୁ ସେ ମିଠା ଖାଇଲେ ନାହିଁ ।

(iii) ଯଦି ମଧୁମେହ ରୋଗ ହେବ, ତେବେ ମିଠା ଖାଇବ ନାହିଁ ।

(iv) ଯେତେବେଳେ ମଧୁମେହ ରୋଗ ହେବ, ସେତେବେଳେ ମିଠା ଖାଇବା ଉଚିତ୍ ନୁହେଁ ।

ଙ) ଯେ ଦେଶ ଯାଇ ସେ ଫଳ ଖାଉ – ଏହା କେଉଁ ପ୍ରକାର ବାକ୍ୟ ।

(i) ସରଳ ବାକ୍ୟ (ii) ଯୌଗିକ ବାକ୍ୟ (iii) ଜଟିଳ ବାକ୍ୟ (iv) ମିଶ୍ର ବାକ୍ୟ

ଚ) ନିମ୍ନଲିଖିତ ମଧ୍ୟରୁ ଜଟିଳ ବାକ୍ୟଟିକୁ ଚିହ୍ନାଅ ।

(i) ମୋ କହିବା ଜିନିଷ ଆଣିଛ ?

(ii) ମୁଁ ଯେଉଁ ଜିନିଷ ପାଇଁ କହିଥିଲି, ଆଣିଛ ?

(iii) ମୁଁ କହିଥିବା ଜିନିଷଟି ଆଣିଥିବ ନିଶ୍ଚୟ !

(iv) ମୁଁ କହିଥିଲି ଓ ସେ ଜିନିଷଟି ତୁମେ ଆଣିଛ ।

ଛ) କେତେକ ଛାତ୍ର କଠିନ ପରିଶ୍ରମ କଲେ ବି ଭଲ ନମ୍ବର ରଖିପାରନ୍ତି ନାହିଁ । (ଯୌଗିକ ବାକ୍ୟ)

(i) ଯଦିଓ କେତେକ ଛାତ୍ର ପରିଶ୍ରମ କରନ୍ତି, ତେବେ ସେ ଭଲ ଫଳ ପାଇପାରନ୍ତି ନାହିଁ ।

(ii) କେତେକ ଛାତ୍ର କଠିନ ପରିଶ୍ରମ କରନ୍ତି, କିନ୍ତୁ / ମାତ୍ର / ତଥାପି / ଅଥଚ ଭଲ ନମ୍ବର ରଖିପାରନ୍ତି ନାହିଁ ।

(iii) କଠିନ ପରିଶ୍ରମ ନ କଲେ ଭଲ ଫଳ ମିଳିବ କି ?

(iv) ଯେତେବେଳେ କଠିନ ପରିଶ୍ରମ କରିବ, ସେତେବେଳେ ଭଲ ଫଳ ପାଇବ ।

6. ଉତ୍ତର ପର୍ଯ୍ୟାୟ ମଧ୍ୟରୁ ଶୁଦ୍ଧ ଶବ୍ଦଟି ବାଛି ଲେଖ । (ଯେକୌଣସି ୫ ଟିର) 1x5=5

 କ) (i) ଦିବାରାତ୍ରୀ (ii) ଦିବାରାତ୍ର (iii) ଦିବାରାତ୍ରି (iv) ଦୀବାରାତ୍ର

ଖ) (i) ଦାଶରଥୀ (ii) ଦାଶରଥି (iii) ଦାସରଥି (iv) ଦାଷରଥି

ଗ) (i) ଯାତାୟତ (ii) ଯାତାୟାତ (iii) ଜାତାୟତ (iv) ଜାତାୟାତ

ଘ) (i) ଲଜ୍ୟା (ii)ଲଜ୍ଜା (iii) ଲଜା (iv) ଲଜ୍ୟା

ଙ) (i) ଗୋଲକବିହାରୀ (ii) ଗୋଲୋକ ବିହାରୀ

(iii) ଗୋଲକ ବିହାରି (iv) ଗଲୋକ ବିହାରୀ

ଚ) (i)ଧୂମ୍ରପାନ (ii)ଧୂମପାନ (iii)ଧୁମପାନ (iv)ଧୁମ୍ରପାନ

ଛ) (i) ବହୁବ୍ରୀହି (ii) ବହୂବ୍ରାହି (iii) ବହୁବ୍ରିହି (iv) ବୋହୂବ୍ରିହି

7. ନିମ୍ନଲିଖିତ ରୂଢ଼ି ପ୍ରୟୋଗର ଅର୍ଥ ବୁଝାଉଥିବା ଠିକ୍ ବିକଳ୍ପଟିକୁ ବାଛ । (ଯେକୌଣସି ପାଞ୍ଚଟି) 1x5=5

କ) ଜିରାରୁ ଶିରା କାଢ଼ିବା

(i)ଅଧିକ ଭାବିବା (ii)ଅନ୍ୟପ୍ରତି ସମ୍ବେଦନ ହେବା

(iii)ଅନ୍ୟର ଭଲ ଗୁଣ ଦେଖିବା (iv)ଅଯଥା ଦୋଷ ଦେଖାଇବା / କାଢ଼ିବା

ଖ) ନାକଟେକିବା

(i)ପସନ୍ଦ କରିବା (ii)ଘୃଣା କରିବା

(iii)ସମର୍ଥନ କରିବା (iv)ପ୍ରଶଂସା କରିବା

ଗ) ଚଳୁ କରିଦେବା

(i)କାମରେ ହାତ ଦେବା (ii)ଚାଲି ଚାଲି ଯିବା

(iii)ସବୁ ଶେଷ କରିଦେବା (iv)ଅନ୍ୟ ହାତରେ ପଡ଼ିବା

ଘ) ବରଡ଼ା ପତ୍ର ପରି ଥରିବା

(i)ସାହସ ବାନ୍ଧିବା (ii)ଧଇଁ ସଇଁ ହେବା

(iii)ଭୁଲ୍ ବୁଝି ପାରିବା (iv)ଅତି ଡରିଯିବା

ଙ) ଆଖିରେ ଧୂଳିଦେବା

(i)ଆଖିରେ ଧୂଳି ପଡ଼ିଯିବା (ii)ବିଶ୍ୱସ୍ତ ହେବା

(iii)ଠକି ଦେବା (iv)ନମ୍ର ହେବା

ଚ) ଉଷୁନା ଧାନ ଗଜା ହେବା

(i)ଚାଷ ଉପଯୋଗୀ ହେବା (ii)ଅସମ୍ଭବ ସମ୍ଭବ ହେବା

(iii)ପରିଶ୍ରମ କରିବା (iv)ତନ୍ନ ତନ୍ନ କରି ଦେଖିବା

୪. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି ୫ଟି) 1x5=5

କ) କେଉଁ ଛନ୍ଦର ତୃତୀୟ, ଷଷ୍ଠ ଏବଂ ନବମ ଅକ୍ଷରରେ ଯତିପାତ ହୁଏ ।

(i)ନଟବାଣୀ (ii)ରାମକେରୀ

(iii)ଭାଗବତ ବାଣୀ/ଗୁଜ୍ଜରୀ (iv)ବଙ୍ଗଳାଶ୍ରୀ

ଖ) 'ନଟବାଣୀ' ଛନ୍ଦର ପ୍ରତି ପାଦର ଅକ୍ଷର ସଂଖ୍ୟା କେତେ ?

(i)୧୨ (ii)୨୦

(iii)୯ (iv)୧୬

ଗ) କେଉଁ ଛନ୍ଦର ଅନ୍ୟନାମ ଗୁଜ୍ଜରୀ ?

(i)ଭାଗବତବାଣୀ (ii)ବଙ୍ଗଳାଶ୍ରୀ

(iii)ନଟବାଣୀ (iv)ରାମକେରୀ

ଘ)ବଙ୍ଗଳାଶ୍ରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

(i)୯ (ii)୧୬

(iii)୧୮ (iv)୨୦

ଙ) ଅମୃତ' ବିନ'ୟ ବଚନ' ।
କହିତୋ'ଷିବ' ପ୍ରାଣୀମନ' ।। – ଏହା କେଉଁ ଛନ୍ଦରେ ରଚିତ ?

(i)ରାମକେରୀ (ii)ବଙ୍ଗଳାଶ୍ରୀ
(iii)ନଟବାଣୀ (iv)ଭାଗବତବାଣୀ

ଚ) କେଉଁ ଛନ୍ଦକୁ ବିଭାସକେଦାର ମଧ୍ୟ କୁହାଯାଏ ?

(i)ରାମକେରୀ (ii)ବଙ୍ଗଳାଶ୍ରୀ
(iii)ନଟବାଣୀ (iv)ଭାଗବତବାଣୀ

## 'ଖ' ବିଭାଗ (ବର୍ଣ୍ଣନାତ୍ମକ/ଲିଖନ ମୂଳକ ପ୍ରଶ୍ନ)

୨. ରଚନା ଲେଖ । 8

କ) ଗଣମାଧ୍ୟମର ଗୁରୁତ୍ୱ ଓ ଦାୟିତ୍ୱ

ଖ) ଛାତ୍ର ଓ ସମାଜ ସେବା

ଗ) ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ମୁକାବିଲା

10. କୋଭିଡ୍-୧୯ ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ନେବାର ଆବଶ୍ୟକତା ସଂପର୍କରେ ତୁମେ ଲେଖିଥିବା ଏକ ପ୍ରବନ୍ଧ ପ୍ରକାଶ ନିମନ୍ତେ ଅନୁରୋଧ କରି ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ । 7

କିମ୍ବା

"ବନ୍ଦେ ଉତ୍କଳ ଜନନୀ" – ରାଷ୍ଟ୍ରଗୀତିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏକ ପ୍ରେରଣାଦାୟୀ ବିବରଣୀ ପ୍ରକାଶନ ନିମନ୍ତେ ସ୍ଥାନୀୟ ସମ୍ବାଦ ପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ ।

ବି.ଦ୍ର. - ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମର ବ୍ୟବହାର କରାଯିବ ।

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର) 5

କ) ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଦେଇ ତାଙ୍କ ନିଜ ଭାଷାରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନ ଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ ।

ଖ) ଏହା ମଧ୍ୟ ତାଙ୍କ କୃତକର୍ମର ପରିଣାମ ।

12. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର) 5

କ) କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ !

ଖ) ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ

ପୋଛି ଦିଅ ଆଜି ମାନବ ଶିରସୁଁ

ସଂଚିତ ଅପମାନ ॥

13. ସଂକ୍ଷେପରେ ଉତ୍ତର ଲେଖ । (୫ଟି) 2x5=10

କ) ଗ୍ରାମର ଶିଶୁ ସମାବେଶ ଉପରେ ଲେଖକ କି ଅଭିମତ ଦେଇଛନ୍ତି ?

ଖ) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?

ଗ) କେଉଁ ଅପ୍ରାକୃତିକ ପାଚେରିକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ପ୍ରଥମେ ପ୍ରୟାସ କରିଥିଲେ ?

ଘ) ମଣିଷର ପ୍ରକୃତ ଶତ୍ରୁ କିଏ ବୋଲି ବିବେକାନନ୍ଦ ଭାବିଲେ ?

ଙ) ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇପଡିଲେ ?

ଚ) ଭବିଷ୍ୟତର ତରୁଣ ମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?

ଛ) "ଗଲାଣି ତ ଗଲା କଥାରେ ସଙ୍ଘାତ"ର ଅର୍ଥ କ'ଣ ?

14. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । 5

କ) ବରଗଛକୁ ମହାନ୍ ସ୍ନେହମୟୀ ଜନନୀ ସହିତ ଗାଳ୍ପିକ କାହିଁକି ତୁଳନା କରିଛନ୍ତି ?

ଖ) ଦେବଶିଳ୍ପୀ ଅପରୂପ ଅପୂର୍ବ କାମିନୀକୁ କିପରି ସୃଷ୍ଟି କଲେ ?

ଗ) ମଣିଷକୁ ବେଳେବେଳେ ସ୍କ୍ରୁ ଢିଲା ବୋଲି କୁହାଯାଏ କାହିଁକି ?

◆◆◆

Sample Question Paper - 7

# ଓଡ଼ିଆ

# ODIA (013)
# YEAR-2020-21

## MARKING SCHEME FOR CLASS-X

## ମୂଲ୍ୟାୟନ ପଦ୍ଧତି

ସମୟ : ୩ ଘଣ୍ଟା | ପୂର୍ଣ୍ଣସଂଖ୍ୟା : ୮୦

*Time allowed : 3 hours* | *Maximum Marks : 80*

### 'କ' ବିଭାଗ

1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। 1x5=5

କ) (iii) ଜଗତୀକରଣ

ଖ) (ii) ସ୍ୱାବଲମ୍ବୀ

ଗ) (iv) ଚାଇନା

ଘ) (iii) ବୈଦେଶିକ ମୁଦ୍ରା

ଙ) (i) ଶହେ ତିରିଶ କୋଟି ଲୋକ

କିମ୍ବା

କ) (ii) ଅନ୍ତର୍ନିହିତ ସଂବେଦନଶୀଳ ଅନୁଭୂତି ଓ ସଂଗୁପ୍ତ ଆବେଗକୁ ଶବ୍ଦ ନିହାଣରେ ଖୋଦେଇ କରିବାର ସ୍ଥାପତ୍ୟ

ଖ) (iv) ଉଚ୍ଛାକୃତ ଅବେଗ ପ୍ରେରିତ ଏବଂ କଳ୍ପନା ପ୍ରଷୋଦିତ

ଗ) (i) ଛାଇଭଳି

ଘ) (iv) କାଗଜ ଆକାଶରେ ତାରାଫୁଲ ଭଳି

ଙ) (i) ଦରଦ ପୀଡ଼ିତ ମନର ଥର୍ମୋମିଟରେ

ଚ) (iii)ତପସ୍ୟା ଏବଂ ହଠଯୋଗ ସାଧନା

ଛ) (ii) ସ୍ୱାତୀ ନକ୍ଷତ୍ର

2. କ) (iv) ତପସ୍ୱିନୀ 1x5=5

ଖ) (ii) ଶ୍ୟାମ ବନଭୂମିରେ ପ୍ରବାହିତ ସମୀର

ଗ) (ii) ବିଦେହର କନ୍ୟା

ଘ) (i) ଜନକ ନନ୍ଦିନୀ

ଙ) (ii) ରାମଙ୍କର

ଚ) (ii) ଆଶ୍ରମର ଜଣେ ବ୍ରହ୍ମଚାରିଣୀ

ଛ) (i) ବୈକୁଣ୍ଠର ଅଧିବାସୀଙ୍କୁ

କିମ୍ବା

କ) (ii) ମରୁପଥ

ଖ) (ii) ଅର୍ଗଳ

ଗ) (i) ଭୁବନ

ଘ) (iii)ପ୍ରଦୀପ

ଙ) (iii)ତରୁଣ

ଚ) (i) ରଥ

ଛ) (iv) ଜୀର୍ଣ୍ଣ

3. କ) (iii)ନୈତିକ ଶକ୍ତି 1x5=5

ଖ) (iv) ପ୍ରାଣୀର ବିଭିନ୍ନ ଗଠନ ପ୍ରକ୍ରିୟା

ଗ) (iv) ଦରିଦ୍ର ନାରାୟଣଙ୍କ ସେବା

ଘ) (iii)ଜ୍ଞାନ ଭଣ୍ଡାରଟି ଇଂରାଜୀରେ ଥିବାରୁ

ଙ) (i) ଉତ୍କଳ ସାହିତ୍ୟ

ଚ) (iii)ବିଦ୍ରୋହର ବହ୍ନି

ଛ) (iii)ତ୍ୟାଗ ଓ ଆତ୍ମସଂଯମ

4. କ) (i) ମାଟି ମାଆକୁ 1x5=5

ଖ) (iv) ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନରେ

ଗ) (i) କଳିଙ୍ଗ

ଘ) (iv)ଧୃଷ୍ଟଦ୍ୟୁମ୍ନ

ଙ) (iv) ମାନବବାଦ

ଚ) (iii) ଝିଙ୍କାରି

ଛ) (ii) କବିସୂର୍ଯ୍ୟ ବଳଦେବ ରଥ

5. କ) (ii) କୃଷକଟି ଚାଷକାମ ସାରିଲା ଓ ଘରକୁ ଫେରିଲା । 1x5=5

ଖ) (iv) ଗୀତା ଓ ସୀତା ଢେଙ୍କାନାଳ ଯାଇ ମେଳା ବୁଲି ଦେଖିଲେ ।

ଗ) (ii) ଭୁବନେଶ୍ୱର ବେହେରା ଯେଉଁ ପ୍ରବନ୍ଧ ଗୁଡିକ ରଚନା କରିଛନ୍ତି, ସେଗୁଡିକ ସହଜ, ସରଳ ଓ ଯୁକ୍ତିନିଷ୍ଠ ।

ଘ) (i) ମଧୁମେହ ରୋଗୀ ମିଠା ଖାଇବା ଉଚିତ୍ ନୁହେଁ ।

ଙ) (iii) ଜଟିଳ ବାକ୍ୟ

ଚ) (ii) ମୁଁ ଯେଉଁ ଜିନିଷ ପାଇଁ କହିଥିଲି, ଆଣିଛ ?

ଛ) (ii) କେତେକ ଛାତ୍ର କଠିନ ପରିଶ୍ରମ କରନ୍ତି, କିନ୍ତୁ / ମାତ୍ର / ତଥାପି / ଅଥଚ ଭଲ ନମ୍ବର ରଖିପାରନ୍ତି ନାହିଁ ।

6. କ) (ii) ଦିବାରାତ୍ର 1x5=5

ଖ) (ii) ଦାଶରଥି

ଗ) (i) ଯାତାୟତ

ଘ) (ii)ଲଜ୍ଜା

ଙ) (ii) ଗୋଲୋକ ବିହାରୀ

ଚ) (ii)ଧୂମପାନ

ଛ) (i) ବହୁବ୍ରୀହି

7. କ) (iv)ଅଯଥା ଦୋଷ ଦେଖାଇବା / କାଢିବା 1x5=5

ଖ) (ii)ଘୃଣା କରିବା

ଗ) (iii)ସବୁ ଶେଷ କରିଦେବା

ଘ) (iv)ଆଡି ବସିଥିବା

ଙ) (iii)ଠକି ନେବା

ଚ) (ii)ଅସମ୍ଭବ ସମ୍ଭବ ହେବା

8. କ) (iii)ଭାଗବତ ଟୀକା'ଗୁଞ୍ଜରୀ 1x5=5

ଖ) (i)୧୨

ଗ) (i)ଭାଗବତବାଣୀ

ଘ) (iv)୨୦

ଙ) (iv)ଭାଗବତବାଣୀ

ଚ) (iii)ନବବାଣୀ

9. ରଚନା ଲେଖ । 8

ଉପକ୍ରମ

ବିଷୟବସ୍ତୁ ବିଶ୍ଳେଷଣ

କାରଣ ଓ ନିରାକରଣ

ଉପସଂହାର

10. ସମ୍ପାଦକଙ୍କୁ ସମ୍ବୋଧନ ଓ ଠିକଣା 7

ବିଷୟବସ୍ତୁ

ଭାଷା ଓ ଲିଖନ ଶୈଳୀ

11. ସପ୍ରସଙ୍ଗ ସରଳାର୍ଥ ଲେଖ । ଗଦ୍ୟ 5

ପ୍ରବନ୍ଧ, ପ୍ରାବନ୍ଧିକଙ୍କ ନାମ

ପ୍ରସଙ୍ଗ ନିର୍ଦ୍ଦେଶ

ବର୍ଣ୍ଣନା

12. ସପ୍ରସଙ୍ଗ ସରଳାର୍ଥ ଲେଖ । ପଦ୍ୟ 5

କବିତା, କବିଙ୍କ ନାମ

ପ୍ରସଙ୍ଗ ନିର୍ଦ୍ଦେଶ

ବର୍ଣ୍ଣନା

13. ଗ୍ରାମର ଶିଶୁମାନଙ୍କ ବିଷୟରେ ଅଭିମତ ଦେଇ ଲେଖିଛନ୍ତି - 5x2=10

କ) ଗ୍ରାମର ଯେଉଁ ଆଡକୁ ଚାହିଁଲେ ଖାଇଁ, ମଇଳା, ଉଲଗ୍ନ, କୃଶୋଦର, ଲମ୍ବୋଦର ଅବାଞ୍ଛିତ, ଅବହେଳିତ ଶିଶୁମାନଙ୍କ ସମାବେଶ ଦେଖାଯାଏ ।

ଖ) ମାନବ ଯେଉଁ ବୈଷୟିକ, ଶାରୀରିକ, ମାନସିକ ଓ ନୈତିକ ଉନ୍ନତି ତଥା ଜ୍ଞାନ ସାଧନ କରିଥାଏ, ତାକୁ ସଭ୍ୟତା ଆଖ୍ୟା ଦେଇଥାଉ ।

ଗ) ପାଠୁଆ ଓ ଅପାଠୁଆ ମାନଙ୍କ ଭିତରେ ରହିଛି ଅନୁଭବ ପାଥେୟ ।

ଘ) ବିବେକାନନ୍ଦ ଦେଖିଲେ ଭାରତବର୍ଷରେ ଦାରିଦ୍ର୍ୟର ନିଲଜ୍ଜ ତାଣ୍ଡବ । ଦି' ବେଳି ଦି' ମୁଠା ଖାଇବାକୁ ନ ପାଇ ଅଗଣିତ ମଣିଷ ଅର୍ଦ୍ଧାହାର ଅନାହାରରେ କାଳାତିପାତ କରୁଛନ୍ତି । ସେଥି ପ୍ରତି ପ୍ରଧାନ ଦାରିଦ୍ର୍ୟଗ୍ରସ୍ତ ଜାତିକୁ ହିଁ ବିବେକାନନ୍ଦ ମଣିଷ ଜାତିର ଶତ୍ରୁ ବୋଲି ବିବେଚନା କରିଥିଲେ ।

ଙ) ଦ୍ରୌପଦୀଙ୍କ ପାଞ୍ଚ ଶିଶୁ ପୁତ୍ରମାନଙ୍କ ମୃତ୍ୟୁ ଦେଖି

ଚ) ଅତୀତର ପୃଷ୍ଠା, ବୈଦ୍ୟ ନିପାତିତ ପୂର୍ବର ଜାତିକୁ ନିର୍ଦ୍ଦିଷ୍ଟ କଲେ ହିଁ ଭବିଷ୍ୟତର ବଳୁଣାମାନେ ଜାଗି ଉଠିବେ ବୋଲି ମତ ଦେଇଛନ୍ତି ।

ଘ) ଯେଉଁ କଥା ଅତୀତ ହୋଇଯାଇଛି ସେହି କଥାକୁ ଧରି ବସିଲେ କୌଣସି ଲାଭ ହୁଏ ନାହିଁ ।

14. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦେଅ । 5

ଗାଳ୍ପିକ / ନାଟ୍ୟକାରଙ୍କର ପରିଚୟ

ବିଷୟବସ୍ତୁ

ନିଜସ୍ୱ ମତ / ଉପସଂହାର

ବି.ଦ୍ର: ଏଥି ବ୍ୟତୀତ ପିଲାଙ୍କର ଲେଖାର ବାସ୍ତବତାକୁ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ ।

***